GOVERNMENT OF ORISSA

ଓଡ଼ିଶା ସରକାର

# THE ORISSA MERGED TERRITORIES (VILLAGE OFFICES ABOLITION) ACT, 1963

## ACT 10 OF 1963

ଓଡ଼ିଶା ମିଶ୍ରିତ ରାଜ୍ୟକ୍ଷେତ୍ର (ଗ୍ରାମପଦ ଉତ୍ସାଦନ)
ଅଧିନିୟମ, ୧୯୬୩

LAW DEPARTMENT

ବିଧି ବିଭାଗ

[ *Price—Rs. 1·10 P.* ]

# ଓଡ଼ିଶା ମିଶ୍ରିତ ରାଜ୍ୟକ୍ଷେତ୍ର (ଗ୍ରାମପଦ ଉତ୍ସାଦନ) ଅଧିନିୟମ, ୧୯୬୩

## ସୂଚୀପତ୍ର


ଉଦ୍ଦେଶିକା—

ଧାରାବଳୀ

୧ । ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

୨ । ସଂଜ୍ଞା

୩ । ଗ୍ରାମପଦର ଉତ୍ସାଦନ ଓ ତାର ପରିଣାମ ।

୪ । ଜଣେ ବ୍ୟକ୍ତି ଗ୍ରାମ ପଦର ଧାରକ କି ନୁହନ୍ତି, କଲେକ୍ଟର ବିନିଶ୍ଚୟ କରିବେ ।

୫ । ଭୋଗରା ଜମିର ବନ୍ଦୋବସ୍ତ ।

୬ । ଗଉନ୍ତି-ରହିତ-ଜମିର ବନ୍ଦୋବସ୍ତ ।

୭ । ପରିତ୍ୟକ୍ତ ଓ ସମର୍ପିତ ହୋଲ୍ଡିଂ ଏବଂ ଅନାବାଦୀ ଜମିର ବନ୍ଦୋବସ୍ତ ।

୮ । ରାଜ୍ୟ ସେବାରେ କେତେକ ଗ୍ରାମ ଅଫିସରଙ୍କ ନିୟୋଜନ ଓ କ୍ଷତିପୂରଣ ପ୍ରଦାନ ।

୯। ଅଭିଲେଖର ନିବେଦନ ଓ ଜମିର ଦଖଲର ପରିଦାନ ।

୧୦ । ଉତ୍ସାଦନ ଅର୍ଜନ ହୋଇପାରେ କି ଏହି ପ୍ରଶ୍ନର ଅବଧାରଣ ।

୧୧ । ବନ୍ଦୋବସ୍ତ ପ୍ରିମିୟମରୁ ମୁକ୍ତ ହେବ ।

୧୨ । କାର୍ଯ୍ୟବାହୀରେ ଅନୁସୃତ ହେବା ପ୍ରକ୍ରିୟା ।

୧୩ । ଅପିଲ ଓ ରିଭିଜନ ।

୧୪ । ସମୟସୀମା ଅଧିନିୟମ, ୧୯୦୮ର ପ୍ରୟୋଗ ।

୧୫ । ପ୍ରାଧିକାରୀମାନେ ସିଭିଲ ନ୍ୟାୟାଳୟର କେତେକ କ୍ଷମତା ପ୍ରୟୋଗ କରିବେ ।

୧୬ । ନିୟମାବଳୀ ପ୍ରଣୟନ କ୍ଷମତା ।

୧୭ । ସନ୍ଦେହ ଓ ଅସୁବିଧା ଅପସାରଣ କରିବାକୁ କ୍ଷମତା ।

ଅନୁସୂଚୀ :

# ୧୯୬୩ର ଓଡ଼ିଶା ଅଧିନିୟମ ୧୦

ଓଡ଼ିଶା ମିଶ୍ରିତ ରାଜ୍ୟକ୍ଷେତ୍ର (ଗ୍ରାମପଦ ଉଚ୍ଛେଦନ) ଅଧିନିୟମ, ୧୯୬୩ ।

(୨୩ ମେ ୧୯୬୩ରେ ରାଷ୍ଟ୍ରପତିଙ୍କ ସମ୍ମତିପ୍ରାପ୍ତ, ୪ ଜୁନ ୧୯୬୩ର ଓଡ଼ିଶା ଗେଜେଟର ଏକ ଅସାଧାରଣ ସଂଖ୍ୟାରେ ପ୍ରଥମେ ପ୍ରକାଶିତ) ।

---

ଓଡ଼ିଶା ରାଜ୍ୟରେ କେତେକ ଗ୍ରାମପଦ ଉଚ୍ଛେଦନ କରିବାକୁ ଏକ ଅଧିନିୟମ ।

ଯେହେତୁ ଲୋକହିତ ଦୃଷ୍ଟିରୁ ଓଡ଼ିଶା ରାଜ୍ୟର ମିଶ୍ରିତ ରାଜ୍ୟକ୍ଷେତ୍ରରେ କେତେକ ଗ୍ରାମପଦ ଉଚ୍ଛେଦନ କରିବା ଏବଂ ଏହାପରେ ଦିଆଯାଇଥିବା ରୀତିରେ ତାହାର ଆନୁଷଙ୍ଗିକ ବିଷୟରେ ଉପବନ୍ଧିତ କରିବା ସମୀଚୀନ ଅଟେ ;

ତେଣୁ ଏହା ଏତଦ୍ଦ୍ୱାରା ଭାରତ ଗଣରାଜ୍ୟର ଚତୁର୍ଦ୍ଦଶ ବର୍ଷରେ ଓଡ଼ିଶା ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :—

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

୧ (୧) ଏହି ଅଧିନିୟମ ଓଡ଼ିଶା ମିଶ୍ରିତ ରାଜ୍ୟକ୍ଷେତ୍ର (ଗ୍ରାମପଦ ଉଚ୍ଛେଦନ) ଅଧିନିୟମ, ୧୯୬୩ ନାମରେ ଅଭିହିତ ହେବ ।

(୨) ଏହା ସମଗ୍ର ଓଡ଼ିଶା ରାଜ୍ୟ ପ୍ରତି ବିସ୍ତୃତ ଏବଂ ଅନୁସୂଚୀର ସ୍ତମ୍ଭ ୧ ରେ ବିନିର୍ଦ୍ଦିଷ୍ଟ ପୂର୍ବତନ ଗଡଜାତର ପ୍ରତ୍ୟେକ ମିଶ୍ରିତ ରାଜ୍ୟକ୍ଷେତ୍ର ପ୍ରତି ପ୍ରଯୁଜ୍ୟ ହେବ ।

(୩) ରାଜ୍ୟ ସରକାର, ଅଧିସୂଚନା ଦ୍ୱାରା, ତଦୁପଲକ୍ଷେ ଯେଉଁ ତାରିଖ ନିୟୁକ୍ତ କରିବେ, ଏହା ସେହି ତାରିଖରେ ପ୍ରବୃତ୍ତ ହେବ ଏବଂ ବିଭିନ୍ନ ଅଞ୍ଚଳ ସମ୍ପର୍କରେ ବିଭିନ୍ନ ତାରିଖ ନିୟତ ହୋଇପାରେ ।

ସଂଜ୍ଞା ।

୨ । ଏହି ଅଧିନିୟମରେ ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁ ନଥିଲେ—

(କ) କୌଣସି ଅଞ୍ଚଳ ସମ୍ପର୍କରେ "ନିୟତ ତାରିଖ" ଅର୍ଥ ଧାରା ୧ର ଉପଧାରା (୩) ଅଧୀନରେ ଏକ ଅଧିସୂଚନା ଦ୍ୱାରା ସେହି ଅଞ୍ଚଳ ସମ୍ପର୍କରେ ନିୟତ ତାରିଖ;

(ଖ) କୌଣସି ଗ୍ରାମପଦ ସମ୍ପର୍କରେ "ଭୋଗରା ଜମି" ଅର୍ଥ ଯେ କୌଣସି ନାମରେ ବର୍ଣ୍ଣିତ ବା ସ୍ଥାନୀୟଭାବରେ ଅଭିହିତ ହୋଇଥାଉ, ସେପରି ଭାବରେ ବନ୍ଦୋବସ୍ତ କାଗଜରେ ଅଭିଲିଖିତ ହୋଇଥାଉ ବା ନଥାଉ, ସେହି ପଦ ନିମିତ୍ତ ଉପଲବ୍ଧି ଭାବରେ ଧାରିତ ଜମି;

(ଗ) ଏହି ଅଧିନିୟମ ଅଧୀନରେ କଲେକ୍ଟରଙ୍କର ସମସ୍ତ ବା କୌଣସି କୃତ୍ୟ ପାଳନ କରିବାକୁ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ପାହ୍ୟାରୁ ଊଣା ପାହ୍ୟାର ହୋଇନଥିବା ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ କୌଣସି ଅଫିସର "କଲେକ୍ଟର"ର ଅନ୍ତର୍ଗତ;

(ଘ) କୌଣସି ଗ୍ରାମପଦ ସମ୍ପର୍କରେ "ଉପଲବ୍ଧି" ଅର୍ଥ ସେହି ପଦର ସଂଲଗ୍ନ କର୍ତ୍ତବ୍ୟ ପାଳନ ନିମିତ୍ତ ଉପଲବ୍ଧି ବଦଳରେ ବେତନ, ନଗଦ ପ୍ରଦାନ, କମିସନ, ଧାରିତ ଭୂମିର ବ୍ୟବହାର ଓ ଉପଭୋଗ ଏବଂ ସେହି ପଦର ସମ୍ପର୍କୀୟ ବା ସଂଲଗ୍ନ ସମସ୍ତ ପ୍ରକାର ବିଶେଷାଧିକାର ଓ ଫାଇଦା ଏବଂ ସେହି ପଦର ଆନୁଷଙ୍ଗିକ ହୋଇଥିବାମତେ ସ୍ଥିରୀକୃତ ସମୟରେ ବା ଅନ୍ୟଥା ଫିସ୍ ବା ଧନ ବା ଜିନିଷ ଆକାରରେ ପୁରସ୍କାରର ଅଧିକାରକୁ ଅନ୍ତର୍ଗତ କରେ;

(ଙ) "ପୂର୍ବତନ ଗଡଜାତ" ଅର୍ଥ ରାଜ୍ୟ ମିଶ୍ରଣ (ରାଜ୍ୟପାଳଙ୍କ ପ୍ରଦେଶ) ପ୍ରଦେଶ ୧୯୪୯ର ଅର୍ଥାନ୍ତର୍ଗତ ଏକ ମିଶ୍ରିତ ରାଜ୍ୟ;

(ଚ) ସରଭୁକ୍ତ ପ୍ରାନ୍ତିଭବନ ଗଡ଼ଜାତଆ "ଗଡ଼ଜାତଆ" ର ଅନ୍ତର୍ଗତ;

(ଛ) "ଗଡ଼ଜାତ—ରୟତ—ଜମି" ଅର୍ଥ ପୂର୍ବତନ ଗଡ଼ଜାତ ରାମଜ୍ୟର ମିଶ୍ରିତ ରାଜ୍ୟକ୍ଷେତ୍ରର ବନ୍ଦୋବସ୍ତ କାଗଜରେ ଅଭିଲିଖିତ ହୋଇଥିବା ଜମି;

(ଜ) "ଗ୍ରାମ ଶାସନ" ଅର୍ଥ ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ, ୧୯୪୮ର ଉପବନ୍ଧଗୁଡ଼ିକ ଅଧୀନରେ ଗଠିତ ଗ୍ରାମ ଶାସନ; — ୧୯୪୮ ର ଓଡ଼ିଶା ଅଧିନିୟମ ୧୫

(ଝ) ଦଖଲଭୋଗସ୍ୱତ୍ୱର ସେହି ଅର୍ଥ ହେବ ଯାହାକି ଜଣେ ଦଖଲ ଭୋଗୀ ପ୍ରଜା ସମ୍ପର୍କରେ ଓଡ଼ିଶା ମିଶ୍ରିତ ରାଜ୍ୟ (ବିଧି) ଅଧିନିୟମ, ୧୯୫୦ରେ ତାହାକୁ ସମନୁଦେଶିତ ହୋଇଛି । — ୧୯୫୦ ର ଓଡ଼ିଶା ଅଧିନିୟମ ୪

(ଞ) ଅନୁସୂଚୀର ସ୍ତମ୍ଭ ୧ରେ ବିନିର୍ଦ୍ଦିଷ୍ଟ କୌଣସି ମିଶ୍ରିତ ରାଜ୍ୟକ୍ଷେତ୍ର ସମ୍ପର୍କରେ, "ଗ୍ରାମପଦ" ଅର୍ଥ ସେହି ମିଶ୍ରିତ ରାଜ୍ୟକ୍ଷେତ୍ର ସମ୍ପର୍କରେ ଉକ୍ତ ଅନୁସୂଚୀରେ ସ୍ତମ୍ଭ ୨ରେ ବର୍ଣ୍ଣିତ ପଦ; ଏବଂ

(ଟ) ଏହି ଅଧିନିୟମରେ ବ୍ୟବହୃତ ହୋଇଥିବା ମାତ୍ର ସଂଜ୍ଞିତ ହୋଇନଥିବା ଶବ୍ଦ ଓ ଅଭିବ୍ୟକ୍ତିର ସେହି ଅର୍ଥ ହେବ ଯାହାକି ସେଗୁଡ଼ିକୁ ଗ୍ରାମପଦ ସମ୍ପର୍କରେ ତତ୍‌ସମ୍ପର୍କୀୟ ମିଶ୍ରିତ ରାଜ୍ୟକ୍ଷେତ୍ରରେ ପ୍ରାସଙ୍ଗିକ ବିଧି, ନିୟମ, ଆଦେଶ, ପ୍ରଥା, ବନ୍ଦୋବସ୍ତ, ସନନ୍ଦ ବା ଅନ୍ୟ ଗ୍ରାଣ୍ଟରେ ସମନୁଦେଶିତ ହୋଇଛି ।

ଗ୍ରାମପଦର ଉଚ୍ଛେଦନ ଓ ତାର ପରିଣାମ ।

୩ । କୌଣସି ବିଧି, ପ୍ରଥା, ବନ୍ଦୋବସ୍ତ, ଗ୍ରାଣ୍ଟ, ସନନ୍ଦ ବା ଆଦେଶରେ କିମ୍ବା ଏକ ନ୍ୟାୟାଳୟର କୌଣସି ନିର୍ଣ୍ଣୟ, ଡିକ୍ରି ବା ଆଦେଶରେ କୌଣସି ବିପରୀତ ଅନ୍ତର୍ଦ୍ଦିଷ୍ଟ ଥିବାସତ୍ତ୍ୱେ, ନିୟତ ଦିନଠାରୁ ବା ସେହିଦିନ—

(କ) ଆପଣା ଆପଣା ରାଜ୍ୟକ୍ଷେତ୍ରମଧ୍ୟରେ ଯେତେ ସବୁ ଗ୍ରାମପଦଥାଏ ତାହାହେଲେ ଉଚ୍ଛେଦିତ ହୋଇଛି ବୋଲି ବିବେଚିତ ହେବ;

(ଖ) ସେହି ପଦ ସମ୍ପର୍କୀୟ ସେବା-ଭୂଧୃତିର ସମସ୍ତ ପ୍ରସଙ୍ଗତ ନିର୍ବାପିତ ହୋଇଛି ବୋଲି ବିବେଚିତ ହେବ ।

(ଗ) ନିୟତ ତାରିଖର ଅବ୍ୟବହିତ ପୂର୍ବରୁ ଯେଉଁ ସମସ୍ତ ବନ୍ଦୋବସ୍ତ, ସନନ୍ଦ ଓ ଯେଉଁ ସମସ୍ତ ଗ୍ରାଣ୍ଟ ଅନୁସରଣରେ ସେହି ଭୂଧୃତି ଧାରିତ ହୋଇଥିଲା ତାହା ରଦ୍ଦ ହୋଇଛି ବୋଲି ବିବେଚିତ ହେବ;

(ଘ) କୌଣସି ଉପଲବ୍ଧି ପାଇବାକୁ ସେପରି ପଦର ଧାରକମାନଙ୍କର ଅଧିକାର ପର୍ଯ୍ୟବସିତ ହୋଇଛି ବୋଲି ବିବେଚିତ ହେବ ;

(ଙ) ପଦ ଧାରଣ କରିବାକୁ ସମସ୍ତ ଅଧିକାର ଓ ସେହି ପଦର ସଂଲଗ୍ନ ସେବାକରିବାକୁ କୌଣସି ଦାୟିତ୍ୱ ନିର୍ବାପିତ ହୋଇଯିବ ।

(ଚ) ସମସ୍ତ ଭୋଗରା ଜମି ପୁନର୍ଗୃହୀତ ଓ ସମସ୍ତ ବିଲଙ୍ଗମମୁକ୍ତ ହୋଇ ଏକାନ୍ତଭାବରେ ରାଜ୍ୟ ସରକାରଙ୍କଠାରେ ନିହିତ ହୋଇଯିବ ; ଏବଂ

(ଛ) କୌଣସି ଗ୍ରାମ ପଦର ଧାରକ ତାଙ୍କ ପଦ ବଳରେ ବା ପଦର ଆନୁଷଙ୍ଗିକ ଭାବରେ ହୋଇଥିବା ବ୍ୟତୀତ ଯେଉଁ ଅନ୍ୟ ଜମି ଧାରଣକରି ରହି ନ ଥାନ୍ତେ, ସେହି ସମସ୍ତ ଜମି ଧାରଣର ଅଧିକାରରୁ ବଞ୍ଚିତ ହେବେ ।

ଜଣେ ବ୍ୟକ୍ତି ଗ୍ରାମପଦର ଧାରକ କି ନୁହନ୍ତି, କଲେକ୍ଟର ନିଷ୍ପତ୍ତି କରିବେ ।

୪ । (୧) କୌଣସି ବ୍ୟକ୍ତି ନିୟତ ତାରିଖର ଅବ୍ୟବହିତ ପୂର୍ବରୁ କୌଣସି ଗ୍ରାମପଦର ଧାରକ ଥିଲେ କି ନାହିଁ ବୋଲି ପ୍ରଶ୍ନ ଉଠିଲେ, କଲେକ୍ଟର ପ୍ରଭାବଗ୍ରସ୍ତ ବ୍ୟକ୍ତିଙ୍କୁ ଶୁଣାଣିର ଅବସର ଦେବାପରେ ଏବଂ ଯାଞ୍ଚ କରିବାପରେ ସେହି ପ୍ରଶ୍ନ ବିନିଶ୍ଚୟ କରିବେ ।

(୨) ଉପଧାରା (୧) ଅଧୀନରେ କଲେକ୍ଟରଙ୍କ ବିନିଶ୍ଚୟ ଦ୍ୱାରା ବ୍ୟଥିତ ହୋଇଥିବା କୌଣସି ବ୍ୟକ୍ତି ସେହି ବିନିଶ୍ଚୟର ତିରିଶି ଦିନ ମଧ୍ୟରେ ରାଜସ୍ୱ ବୋର୍ଡରେ ଅପିଲ କରିପାରିବେ ଏବଂ ସେହି ଅପିଲରେ ବୋର୍ଡର ବିନିଶ୍ଚୟ ଧାରା ୧୩ର ଉପଧାରା (୩)ର ଉପବନ୍ଧଗୁଡ଼ିକର ଅଧୀନରେ ଚୂଡ଼ାନ୍ତ ହେବ ।

**ଭୋଗରା ଜମିର ବନ୍ଦୋବସ୍ତ ।**

୫ । (୧) ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଅଧୀନରେ ପୁନର୍ଗୃହୀତ ସମସ୍ତ ଭୋଗରା ଜମି ଉପଧାରା (୨)ର ଉପବନ୍ଧଗୁଡ଼ିକର ଅଧଧୀନରେ ଉଚିତ ଓ ନ୍ୟାର୍ଯ୍ୟ ରେଣ୍ଟରେ ତହିଁରେ ଦଖଲ ଭୋଗସ୍ୱତ୍ୱ ସହ ଗ୍ରାମପଦର ଧାରକଙ୍କଠାରେ କିମ୍ବା ସେ ଓ ଅନ୍ୟ ଯେଉଁ ସମସ୍ତ ବ୍ୟକ୍ତି ତାଙ୍କର ସହଅଂଶୀଦାର ବା ତାଙ୍କ ଅଧୀନରେ ବା ସେହି ସହଅଂଶୀଦାରଙ୍କ ଅଧୀନରେ ପ୍ରଜାରୂପେ ସେହି ଜମି ବା ଜମିର ଭାଗ ଅଧିଭୋଗ କରୁଥାନ୍ତି, ନିଯୁକ୍ତ ତାରିଖର ଅବ୍ୟବହିତ ପୂର୍ବରୁ ସେହି ବ୍ୟକ୍ତି ତାହାର ପୃଥକ ଓ ବାସ୍ତବ ଚାଷକରିବା ଦଖଲରେ ଥିବା ବିସ୍ତାର ପର୍ଯ୍ୟନ୍ତ ତାଙ୍କଠାରେ ବ୍ୟବସ୍ଥାପିତ କରାଯିବ ।

ପରନ୍ତୁ, କୌଣସି ଜଳଭଣ୍ଡାର, ଯାହା ପୋଖରୀ, ବନ୍ଧ, ଖାତ ଭାବରେ ବିଦିତ ବା ଅନ୍ୟ ଯେ କୌଣସି ନାମରେ ବିଦିତ ହୋଇଥାଉ, ଯାହାକି ସେପରି ଭୋଗରା ଜମିର ଅଂଶ ଗଠନ କରେ ଏବଂ ଯାହାକି ଜଳସେଚନ ପ୍ରୟୋଜନରେ ବା କୌଣସି ସର୍ବସାଧାରଣ ପ୍ରୟୋଜନରେ ବ୍ୟବହୃତ ହୋଇ ଆସୁଥିଲା, ତାହା ଗ୍ରାମପଦରେ ଥିବା ବ୍ୟକ୍ତିଙ୍କ ନାମରେ ବା ଉପରୋକ୍ତ ପ୍ରକାରର ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମରେ ବ୍ୟବସ୍ଥାପିତ ହେବ ।

(୨) ସେପରି ପ୍ରତ୍ୟେକ ବ୍ୟକ୍ତିଙ୍କ ଦଖଲରେ ସେହି ଜମିର ମୋଟ ଆୟତନ, ଯେଉଁ ଗ୍ରାମ ଶାସନର ପରିସୀମା ମଧ୍ୟରେ ସେହି ଜମି ଅବସ୍ଥିତ, ତାହାର କିଛି ଅଂଶ ସେହି ଗ୍ରାମ ଶାସନ ପାଇଁ ସଂରକ୍ଷଣର ଅଧଧୀନ ହେବ ଏବଂ ସେପରି ସଂରକ୍ଷଣର ବିସ୍ତାର ନିମ୍ନଲିଖିତ ଭାବରେ ଅବଧାରିତ ହେବ:—

| ଦଖଲରେଥିବା ଜମି | ସଂରକ୍ଷଣର ବିସ୍ତାର |
|---|---|
| ପ୍ରଥମ ୧୦ ଏକର ଜମିରୁ | କିଛି ନାହିଁ |
| ପରବର୍ତ୍ତୀ ୨୦ ଏକର ଜମିରୁ | ଶତକଡ଼ା ୫ |
| ପରବର୍ତ୍ତୀ ୭୦ ଏକର ଜମିରୁ | ଶତକଡ଼ା ୧୦ |
| ପରବର୍ତ୍ତୀ ୧୦୦ ଏକର ଜମିରୁ | ଶତକଡ଼ା ୩୦ |
| ଅବଶିଷ୍ଟ ଜମିରୁ | ଶତକଡ଼ା ୪୦ |

ପରନ୍ତୁ, ସଂରକ୍ଷିତ ଅଞ୍ଚଳ, ସମ୍ଭବ ମତେ, ଏକ ବା ଅଧିକ ଏକରର ଚକଡା ହେବ ।

**ଭୂମିର ଅସଂରକ୍ଷଣ ।**

୫କ—ରାଜ୍ୟସରକାର, କୌଣସି ସମୟରେ, ସର୍ବସାଧାରଣ ସ୍ୱାର୍ଥ ଦୃଷ୍ଟିରୁ ଯଦି ଆବଶ୍ୟକ ମନେହୁଏ ତେବେ ଧାରା ୫ ଅଧୀନରେ କୌଣସି ଗ୍ରାମଶାସନଙ୍କ ସପକ୍ଷରେ ସଂରକ୍ଷିତ କୌଣସି ଭୂମିକୁ ଅସଂରକ୍ଷିତ କରିବେ, ଏବଂ ଏଭଳି ଅସଂରକ୍ଷଣ ଉପରେ ଭୂମି ସମସ୍ତ ବିଲ୍ଲଂଗମରୁ ମୁକ୍ତ ରହି ରାଜ୍ୟ ସରକାରଙ୍କଠାରେ ନିହିତ ହେବ ।

୫ ଖ—କୌଣସି ନ୍ୟାୟାଳୟ, ଅଧିକରଣ ବା ଅନ୍ୟ ପ୍ରାଧିକାରୀଙ୍କର କୌଣସି ରାୟ, ଡିକ୍ରି ବା ଆଦେଶରେ ଯାହା କିଛି ଥିଲେହେଁ ଧାରା ୫ର ଉପଧାରା (୧)ର ପରନ୍ତୁକରେ ଉଲ୍ଲିଖିତ ବର୍ଣ୍ଣନାର କୌଣସି ଜଳଭଣ୍ଡାରର ଓଡ଼ିଶା ମିଶ୍ରିତ ରାଜ୍ୟକ୍ଷେତ୍ର (ଗ୍ରାମପଦ ଉଚ୍ଛେଦନ) ସଂଶୋଧନ ଅଧିନିୟମ, ୧୯୭୬ର ପ୍ରାରମ୍ଭ ତାରିଖ ପୂର୍ବରୁ ସେହି ଧାରା ଅଧୀନରେ ହୋଇଥିବା କୌଣସି ବ୍ୟବସ୍ଥାପନ ପ୍ରଭାବୀ ହେବ ନାହିଁ; ଏବଂ ସମସ୍ତ ଅଭିପ୍ରାୟ ଏବଂ ପ୍ରୟୋଜନାର୍ଥେ ହୋଇଥିବା ସେପରି ସମସ୍ତ ଜଳଭଣ୍ଡାର ଦାୟମୁକ୍ତ ହୋଇ ରାଜ୍ୟ ସରକାରଙ୍କଠାରେ ପୂରା ଭାବରେ ନ୍ୟସ୍ତ ହୋଇଥିବ ବୋଲି ବିବେଚିତ ହେବ ।

**ଗଉନ୍ତି-ରୟତି-ଜମିର ବନ୍ଦୋବସ୍ତ ।**

୬ । ଗଉନ୍ତି-ରୟତି ଜମି ଉଚିତ ଓ ନ୍ୟାର୍ଯ୍ୟ ରେଣ୍ଟରେ ତହିଁରେ ଦଖଲଭୋଗ ସ୍ୱତ୍ୱ ସହ ଗଉନ୍ତିଆଙ୍କଠାରେ ବା, ଯଥାସ୍ଥିତି, ସେ ଓ ଅନ୍ୟ ଯେଉଁ ସମସ୍ତ ବ୍ୟକ୍ତି ତାଙ୍କର ସହଅଂଶୀଦାର ବା ତାଙ୍କ ଅଧୀନରେ ବା ସେହି ସହଅଂଶୀଦାରଙ୍କ ଅଧୀନରେ ପ୍ରଜାରୂପେ ସେହି ଜମି ବା ଜମିର ଭାଗ ଦଖଲଭୋଗ କରୁଥାନ୍ତି, ନିଯୁକ୍ତ ତାରିଖର ଅବ୍ୟବହିତ ପୂର୍ବରୁ ସେହି ବ୍ୟକ୍ତି ତାହାର ପୃଥକ୍ ଓ ବାସ୍ତବ ଚାଷକରିବା ଦଖଲରେଥିବା ବିସ୍ତାରପର୍ଯ୍ୟନ୍ତ ତାଙ୍କଠାରେ ବ୍ୟବସ୍ଥାପିତ କରାଯିବ ।

**ପରିତ୍ୟକ୍ତ ଓ ସମର୍ପିତ ଜୋତ ଏବଂ ଅନାବାଦୀ ଜମିର ବନ୍ଦୋବସ୍ତ ।**

୭ । (୧) ଏକ ଗ୍ରାମପଦର ଧାରକଙ୍କ ଦଖଲରେ ଥିବା ସମସ୍ତ ପରିତ୍ୟକ୍ତ ଓ ସମର୍ପିତ ଜୋତ ଏବଂ ୧୯୫୯ ଜାନୁଆରୀ ୧ ତାରିଖଠାରୁ ଓ ତାପରେ ତାଙ୍କଦ୍ୱାରା କୃଷୋପଯୋଗୀ କରାଯାଇଥିବା ସମସ୍ତ ଅନାବାଦୀ ଜମି, ଯେତେଦୂର ସମ୍ଭବ, ପୂର୍ବବର୍ତ୍ତୀ ଧାରକ ବା ସେମାନଙ୍କର ଓ୍ୱାରସଙ୍କଠାରେ, ବା ଜମିହୀନ ବ୍ୟକ୍ତିଙ୍କଠାରେ ବା ଜମିର କ୍ଷୁଦ୍ର ଧାରକଙ୍କଠାରେ ବିହିତ ରୀତିରେ ବ୍ୟବସ୍ଥାପିତ କରାଯିବ ।

(୨) ଉକ୍ତ ତାରିଖ ପୂର୍ବେ କୃଷୋପଯୋଗୀ କରାଯାଇଥିବା ସମସ୍ତ ଅନାବାଦୀ ଜମି ଉଚିତ ଓ ନ୍ୟାଯ୍ୟ ରେଣ୍ଟରେ ତହିଁରେ ଦଖଲଭୋଗ ସ୍ୱତ୍ୱସହ ଏହି ଗ୍ରାମପଦର ଧାରକଙ୍କଠାରେ ବ୍ୟବସ୍ଥାପିତ କରାଯିବ ।

(୩) ଉପଧାରା (୧) ଓ (୨) ରେ କୌଣସି ବିଷୟ ବିରୁଦ୍ଧ ଥିବା ସତ୍ତ୍ୱେ ପୂର୍ବତନ ଗଡ଼ଜାତ ପାଲଲହଡ଼ା ରାଜ୍ୟକ୍ଷେତ୍ରରେ ୧୯୪୨ ଜାନୁଆରୀ ୧ ତାରିଖ ପୂର୍ବରୁ ସରକାରଙ୍କ ଦ୍ୱାରା କୃଷୋପଯୋଗୀ କରାଯାଇଥିବା ଅନାବାଦୀ ଜମି ଉପଧାରା (୨) ରେ ବିନିର୍ଦ୍ଦିଷ୍ଟ ରୀତିରେ ଏବଂ ଉକ୍ତ ତାରିଖରେ ଓ ତାରିଖ ପରେ କୃଷୋପଯୋଗୀ କରାଯାଇଥିବା ଜମି ଉପଧାରା (୧) ରେ ବିନିର୍ଦ୍ଦିଷ୍ଟ ରୀତିରେ ବ୍ୟବସ୍ଥାପିତ କରାଯିବ

**ରାଜ୍ୟସେବାରେ କେତେକ ଗ୍ରାମ ଅଫିସରଙ୍କ ନିଯୋଜନ ଓ କ୍ଷତିପୂରଣ ପ୍ରଦାନ ।**

୮ । ଗ୍ରାମ ଅଫିସରଙ୍କୁ, ସେହି ପଦ ଉଚ୍ଛେଦନ ପରେ ଯଦି କୌଣସି ଭୋଗରାଜମି ତାଙ୍କଠାରେ ବ୍ୟବସ୍ଥାପିତ କରାଯିବାକୁ ନଥାଏ, ତାହାହେଲେ ନିଯତ ତାରିଖର ଅବ୍ୟବହିତ ପୂର୍ବ ବର୍ଷରେ ସେ ଯାହା ବାର୍ଷିକ କମିସନ ପାଉଥିଲେ ତାର ପନ୍ଦରଗୁଣ ମୋଟ ଧନରାଶିର ଗ୍ରାଣ୍ଟ କ୍ଷତିପୂରଣ ଆକାରରେ ଦିଆଯିବ ।

ପରନ୍ତୁ, ଯଦି ସେହି ଅଫିସର ନିଯତ ତାରିଖଠାରୁ ଛଅମାସ କାଳାବଧି ଅବସିତ ହେବା ପୂର୍ବରୁ, ବିହିତ ହେବାମତେ ନିୟମାବଳୀ ଅନୁଯାୟୀ ରାଜ୍ୟ ସରକାରଙ୍କ ଅଧୀନରେ ଏକ ଉପଯୁକ୍ତ ଚାକିରିରେ ଆବେଦନକରି ନିଯୁକ୍ତି ପାଇଥାନ୍ତି ତାହାହେଲେ ସେପରି କ୍ଷତି-ପୂରଣ ଦିଆଯିବ ନାହିଁ :

ପୁନଶ୍ଚ ଯେଉଁଠାରେ ପୂର୍ବତନ ଗଡ଼ଜାତ ବାମଡ଼ାର ଜଣେ ଗଉନ୍ତିଆ ନିଯତ ତାରିଖର ଅବ୍ୟବହିତ ପୂର୍ବରୁ ଗଉନ୍ତି-ରହିତ ଜମି ଧାରଣ କରୁଥାନ୍ତି, ସେ ସ୍ଥଳେ—

(କ) ଯଦି ସେହି ଜମିର ବଜାର ମୂଲ୍ୟ ବାର୍ଷିକ କମିଶନର ପନ୍ଦରଗୁଣରୁ ଊଣା ହୋଇ ନଥାଏ, ତାହାହେଲେ କିଛି କ୍ଷତିପୂରଣ ପ୍ରଦେୟ ହେବନାହିଁ ; ଏବଂ

(ଖ) କୌଣସି ଅନ୍ୟ କ୍ଷେତ୍ରରେ ସେହି କମିଶନର ପନ୍ଦରଗୁଣ ଉକ୍ତ ବଜାର ମୂଲ୍ୟଠାରୁ ଯେତିକି ଅଧିକ ହୋଇଥାଏ ସେତିକି କ୍ଷତିପୂରଣ ପରିମାଣ ହେବ ।

ପୁନଶ୍ଚ ଯେଉଁଠାରେ ନିଯୁକ୍ତ ତାରିଖର ଅବ୍ୟବହିତ ପୂର୍ବବର୍ଷ ମଧ୍ୟରେ କୌଣସି ଗ୍ରାମ ଅଫିସରଙ୍କ ଦ୍ୱାରା ପ୍ରାପ୍ତ ବାର୍ଷିକ କମିଶନ, ସେହିବର୍ଷ ସମ୍ପର୍କରେ ପ୍ରଦେୟ ରେଣ୍ଟ ବା ରାଜସ୍ୱର ପରିହାର ଫଳରେ କିମ୍ବା ସେପରି ରେଣ୍ଟ ବା ରାଜସ୍ୱ ଆଦାୟର ବିଲମ୍ବନ ଫଳରେ ପ୍ରଭାବଗ୍ରସ୍ତ ହୋଇଥାଏ, ସେଠାରେ ଏହି ଧାରା ଅଧୀନରେ କ୍ଷତିପୂରଣ ନିଯୁକ୍ତ ତାରିଖର ଠିକ୍ ପୂର୍ବବର୍ତ୍ତୀ ଯେଉଁ ବର୍ଷ ସମ୍ପର୍କରେ ରେଣ୍ଟ ଏହିରୂପେ ପ୍ରଭାବଗ୍ରସ୍ତ ହୋଇ ନଥାଏ ସେହି ବର୍ଷରେ ଗ୍ରାମ ଅଫିସରଙ୍କଦ୍ୱାରା ପ୍ରାପ୍ତ ବାର୍ଷିକ କମିଶନ ଉପରେ ପରିକଳିତ ହେବ । ୧୯୬୩ ର ଓଡ଼ିଶା ଅଧିନିୟମ, ୧୦ ।

**ଅଭିଲେଖର ନିବେଦନ ଓ ଜମିର ଦଖଲର ପରିଦାନ ।**

୯ । (୧) ପ୍ରତ୍ୟେକ ଗ୍ରାମ ଅଫିସରଙ୍କର ବିହିତ ରୀତିରେ—

(କ) ତାଙ୍କ ପଦ ସମ୍ପର୍କରେ ତାଙ୍କଦ୍ୱାରା ଧାରିତ ଜମି ଓ ଗ୍ରାମ ସମ୍ପର୍କରେ ନିଯତ ତାରିଖ ପର୍ଯ୍ୟନ୍ତ ତାଙ୍କଦ୍ୱାରା ଅନୁରକ୍ଷିତ ହେଉଥିବା ସମସ୍ତ ଅଭିଲେଖ ପରିଦାନ କରିବା ;

(ଖ) ତାଙ୍କ ପଦରେ ସଂଲଗ୍ନ ତାଙ୍କଦ୍ୱାରା ବା ତାଙ୍କୁ ପ୍ରଦେୟ ସମସ୍ତ ଶୋଧ୍ୟ ସମ୍ପର୍କରେ ସମସ୍ତ ହିସାବ ଦେବା ; ଏବଂ

(ଗ) ସମସ୍ତ ସରଭ୍ୟାଣ୍ଟ ଓ ସମ୍ପତ୍ତିର ହୋଲ୍ଡର ଏବଂ ଯେଉଁ ସମସ୍ତ ଜମିର ବନ୍ଦୋବସ୍ତ ପ୍ରତି ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଦ୍ୱାରା ବା ଅଧୀନରେ ତାଙ୍କର ଅଧିକାର ନାହିଁ ସେହି ଜମିର ଦଖଲ ରାଜ୍ୟ ସରକାରଙ୍କୁ ପରଦାନ କରିବା,

କର୍ତ୍ତବ୍ୟ ହେବ ।

(୨) ଯେଉଁ ବ୍ୟକ୍ତି ପର୍ଯ୍ୟାପ୍ତ କାରଣ ବ୍ୟତୀତ ଉପଧାରା (୧) ର କୌଣସି ଖଣ୍ଡର ଉପବନ୍ଧଗୁଡ଼ିକ ତଦୁପଲକ୍ଷେ ଏକ ସୂଚନା ଜାରି ତାରିଖଠାରୁ ତିରିଶି ଦିନ ମଧ୍ୟରେ କିମ୍ବା କଲେକ୍ଟରଙ୍କ ଅନୁଜ୍ଞାତ କରିବା ମତେ ଅଧିକତର କାଳାବଧି ମଧ୍ୟରେ ପାଳନ ନ କରନ୍ତି, ସେ ଦୋଷସିଦ୍ଧି ପୂର୍ବକ ଜୋରିମାନାରେ ଦଣ୍ଡନୀୟ ହେବେ ଯାହାକି ଦୁଇଶହ ଟଙ୍କା ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ ଏବଂ ଯେପରି ପାଳନ ନକରିବା ଲାଗି ରହିଲେ ଅତିରିକ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ଯାହାକି ସେହି ପ୍ରଥମ ପାଳନ ନ କରିବା ନିମିତ୍ତ ଦୋଷସିଦ୍ଧି ପରେ ପାଳନ ନ କରିଥିବା ପ୍ରତ୍ୟେକ ଦିନ ନିମିତ୍ତ ଦଶଟଙ୍କା ପର୍ଯ୍ୟନ୍ତ ବିସ୍ତାରିତ ହୋଇପାରେ ।

(୩) କଲେକ୍ଟର ଉପଧାରା (୧) ର ଖଣ୍ଡ (କ)ରେ ନିର୍ଦ୍ଦିଷ୍ଟ ଅଭିଲେଖ ଆଦାୟ କରିବା ଉଦ୍ଦେଶ୍ୟରେ ଏକ ତଲାସ ଓ୍ୱାରେଣ୍ଟ ଦେଇପାରିବେ ଏବଂ ତାହା ସମ୍ପର୍କରେ ସେହି ସମସ୍ତ କ୍ଷମତା ପ୍ରୟୋଗ କରିପାରିବେ ଯାହାକି ଦଣ୍ଡପ୍ରକ୍ରିୟା ସଂହିତା ୧୮୯୮ର ଅଧ୍ୟାୟ ୭ ଅଧୀନରେ ଜଣେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ବିଧିପୂର୍ବକ ପ୍ରୟୋଗ କରାଯାଇପାରେ । ୧୮୯୮ ର ୫

ଉତ୍ପାଦନ ଅର୍ଜନ ହୋଇପାରେ କି, ଏହି ପ୍ରଶ୍ନର ଅବଧାରଣ ।

୧୦ । (୧) ଯଦି କୌଣସି ବ୍ୟକ୍ତି ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଦ୍ୱାରା ଏହି କାରଣରୁ ବ୍ୟଥିତ ହୁଅନ୍ତି ଯେ ଏହା ରାଜ୍ୟ କର୍ତ୍ତୃକ ସମ୍ପତ୍ତି ଅର୍ଜନ ନିମିତ୍ତ ଉପବନ୍ଧିତ କରୁଛି, ସେହି ବ୍ୟକ୍ତି ନିୟତ ତାରିଖଠାରୁ ତିନିମାସ କାଳାବଧି ମଧ୍ୟରେ ସେହି ପ୍ରଶ୍ନର ଅବଧାରଣ ଓ କ୍ଷତିପୂରଣ ନିମିତ୍ତ କଲେକ୍ଟରଙ୍କୁ ଆବେଦନ କରିପାରିବେ ।

(୨) କଲେକ୍ଟର ଯାଞ୍ଚ କରିବାପରେ ଓ ହିତଥିବା ସମସ୍ତ ପକ୍ଷଙ୍କୁ ଶୁଣାଣିର ଅବସର ଦେବାପରେ ପ୍ରଦେୟ ହେବାମତେ କ୍ଷତିପୂରଣ ପ୍ରତି ଅଧିକାର ଓ ସେହି କ୍ଷତିପୂରଣର ପରିମାଣ ଜମି ଅର୍ଜନ ଅଧିନିୟମ, ୧୮୯୪ର ଧାରା ୨୩ର ଉପଧାରା ୧ ଓ ଧାରା ୨୪ର ଉପବନ୍ଧଗୁଡ଼ିକ ଅନୁଯାୟୀ ଯେତେଦୂର ସମ୍ଭବ ଅବଧାରିତ କରିବେ: ୧୮୯୪ର ୧

ପରନ୍ତୁ କ୍ଷତିପୂରଣ ଅବଧାରିତ କରିବା ସମୟରେ କଲେକ୍ଟର ବନ୍ଦୋବସ୍ତ ଫଳରେ ସେହି ବ୍ୟକ୍ତି ଦ୍ୱାରା ଧାରା ୫, ୬ ଓ ୭ର ଉପବନ୍ଧଗୁଡ଼ିକ ଅନୁଯାୟୀ ଅର୍ଜିତ ହିତର ମୂଲ୍ୟ ହିସାବକୁ ନେବେ ।

(୩) ଗ୍ରାମପଦର ଧାରକଙ୍କ ଭିନ୍ନ କୌଣସି ବ୍ୟକ୍ତିଙ୍କଠାରେ ଧାରା ୫, ୬ ଓ ୭ର ଉପବନ୍ଧଗୁଡ଼ିକ ଅନୁଯାୟୀ ବ୍ୟବସ୍ଥାପିତ କରାଯାଇଥିବା କୌଣସି ଜମି ସମ୍ପର୍କରେ କ୍ଷତି-ପୂରଣ ରୂପେ ପ୍ରଦାନ କରାଯାଇଥିବା କୌଣସି ପରିମାଣ ରାଜ୍ୟ ସରକାରଙ୍କ ଦ୍ୱାରା ସେହି ବ୍ୟକ୍ତିଙ୍କଠାରୁ ଆଦାୟ କରାଯିବ ଏବଂ ସେହି ସମସ୍ତ ପରିମାଣ ବକେୟା ଭୂରାଜସ୍ୱ ରୂପେ ଆଦାୟଯୋଗ୍ୟ ହେବ ।

(୪) ଉପଧାରା (୨) ଅଧୀନରେ କଲେକ୍ଟରଙ୍କ ବିନିଶ୍ଚୟ ଦ୍ୱାରା ବ୍ୟଥିତ ହୋଇଥିବା କୌଣସି ବ୍ୟକ୍ତି ସେହି ବିନିଶ୍ଚୟ ଠାରୁ ତିରିଶ ଦିନ ମଧ୍ୟରେ ରାଜସ୍ୱ ବୋର୍ଡରେ ଅପିଲ କରିପାରିବେ ଏବଂ ସେହି ଅପିଲରେ ବୋର୍ଡର ବିନିଶ୍ଚୟ ଧାରା ୧୩ର ଉପଧାରା (୩)ର ଉପବନ୍ଧଗୁଡ଼ିକ ଅଧ୍ୟଧୀନରେ ଚୂଡ଼ାନ୍ତ ହେବ ।

ବନ୍ଦୋବସ୍ତ ପ୍ରିମିୟମରୁ ମୁକ୍ତ ହେବ ।

୧୧ । ଧାରା ୫, ୬ ଓ ୭ର ଉପବନ୍ଧଗୁଡ଼ିକ ପ୍ରୟୋଗ କରିବା ସମୟରେ ଜମିର ବନ୍ଦୋବସ୍ତ ନିମିତ୍ତ କୌଣସି ପ୍ରିମିୟମ ପ୍ରଭାରିତ ହେବ ନାହିଁ ଏବଂ ନିୟତ ତାରିଖର ଅବ୍ୟବହିତ ପୂର୍ବରୁ ନିର୍ଦ୍ଧାରିତ ଓ ପ୍ରବୃତ୍ତ ରେଣ୍ଟ, ଯଦିଥାଏ, ତାହା କୌଣସି ବିରୁଦ୍ଧ ପ୍ରମାଣର ଅଭାବରେ ଉଚିତ ଓ ନ୍ୟାଯ୍ୟ ରେଣ୍ଟ ବୋଲି ବିବେଚିତ ହେବ ।

**କାର୍ଯ୍ୟବାହୀରେ ଅନୁସୃତ ହେବା ପ୍ରକ୍ରିୟା ।**

୧୨ । ରାଜ୍ୟ ସରକାର, ତଦୁପଲକ୍ଷେ ପ୍ରଣୀତ ନିୟମାବଳୀ ଦ୍ୱାରା ସାଧାରଣ ଭାବରେ ବା କୌଣସି ବିଶିଷ୍ଟ ଅଞ୍ଚଳ ସମ୍ପର୍କରେ କେଉଁ ସମୟ ମଧ୍ୟରେ, କେଉଁ ପ୍ରାଧିକାରୀଙ୍କ ଦ୍ୱାରା ଓ କେଉଁ ଢଙ୍ଗରେ ଧାରା ୫, ୬ ଓ ୭ର ଅଧୀନ ବିଷୟ ଏବଂ ତାହାର ପ୍ରାରମ୍ଭିକ, ପ୍ରାସଂଗିକ ବା ଆନୁଷଂଗିକ ବିଷୟରେ କାର୍ଯ୍ୟବାହୀ ପ୍ରାରମ୍ଭ କରାଯିବ, ଶୁଣାହେବ ଓ ଫଇସଲା କରାଯିବ ତାହା ବିନିର୍ଦ୍ଦିଷ୍ଟ କରିବେ ।

**ଅପିଲ ଓ ରିଭିଜନ ।**

୧୩ । (୧) ଏହି ଅଧିନିୟମରେ ସ୍ପଷ୍ଟତଃ ଅନ୍ୟଥା ଉପବନ୍ଧିତ ହୋଇଥିବା ବ୍ୟତୀତେକେ ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ଅଧୀନରେ ଦିଆଯାଇଥିବା କୌଣସି ଆଦେଶଦ୍ୱାରା ବ୍ୟଥିତ ହୋଇଥିବା କୌଣସି ବ୍ୟକ୍ତି ଆଦେଶ ତାରିଖଠାରୁ ତିରିଶ ଦିନ ମଧ୍ୟରେ କଲେକ୍ଟରଙ୍କଠାରେ ଏବଂ ଯଦି ମୂଳ ଆଦେଶ କଲେକ୍ଟରଙ୍କଦ୍ୱାରା ଦିଆଯାଇଥାଏ ତାହାହେଲେ ରାଜସ୍ୱ ବୋର୍ଡ଼ରେ ଅପିଲ କରିପାରିବେ ।

(୨) ଅପିଲରେ ଯାହାକି ରାଜସ୍ୱ ବୋର୍ଡ଼ରେ ଏକ ଅପିଲ ନୁହେଁ, ଦିଆଯାଇଥିବା ଆଦେଶଦ୍ୱାରା ବ୍ୟଥିତ ହୋଇଥିବା କୌଣସି ବ୍ୟକ୍ତି ଆଦେଶ ତାରିଖଠାରୁ ତିରିଶଦିନ ମଧ୍ୟରେ ଉଭୟ ତଥ୍ୟ ଓ ବିଧି ପ୍ରଶ୍ନ ଉପରେ ରାଜସ୍ୱ ବୋର୍ଡ଼ରେ ଅପିଲ କରିପାରିବେ, ଯେଉଁ ଅଭିଲେଖ ମଗାଇବା ପରେ ଓ ପକ୍ଷମାନଙ୍କୁ ଶୁଣାଣିର ଅବସର ଦେବାପରେ ବୋର୍ଡ଼ ଉଚିତ ବିବେଚନା କରିବା ଅନୁଯାୟୀ ପ୍ରଶ୍ନଭୁକ୍ତ ଆଦେଶ ପୁଷ୍ଟିକରି ଉପାନ୍ତରିତ କରି ବା ଓଲଟାଇ ଆଦେଶ ଦେଇପାରିବ ।

(୩) ରାଜସ୍ୱ ବୋର୍ଡ଼ ଦ୍ୱାରା ଅପିଲରେ ଦିଆଯାଇଥିବା ଆଦେଶଦ୍ୱାରା ବ୍ୟଥିତ ହୋଇଥିବା କୌଣସି ବ୍ୟକ୍ତି—

(କ) ଧାରା ୧୦ର ଉପଧାରା (୪) ଭିନ୍ନ ଏହି ଅଧିନିୟମର କୌଣସି ଉପବନ୍ଧ ଅଧୀନରେ ଅପିଲ ହୋଇଥିଲେ ସେହି ଆଦେଶ ତାରିଖଠାରୁ ଷାଠିଏଦିନ ମଧ୍ୟରେ ଏକ ବିଧିଗତ ପ୍ରଶ୍ନ ଉପରେ ରିଭିଜନ ନିମନ୍ତେ ଉଚ୍ଚ ନ୍ୟାୟାଳୟରେ ଏକ ଆବେଦନ ଦାଏର କରିପାରିବେ ; ଏବଂ

(ଖ) ଧାରା ୧୦ର ଉପଧାରା (୪) ଅଧୀନରେ ଅପିଲ ହୋଇଥିଲେ ସେହି ଆଦେଶ ତାରିଖଠାରୁ ଷାଠିଏ ଦିନ ମଧ୍ୟରେ ଉଚ୍ଚ ନ୍ୟାୟାଳୟରେ ଅପିଲ ଦାଏର କରିପାରିବେ;

ଏବଂ ଉଚ୍ଚ ନ୍ୟାୟାଳୟର ବିନିଶ୍ଚୟର ଅଧୀନରେ, ରାଜସ୍ୱ ବୋର୍ଡ଼ଦ୍ୱାରା ଦିଆଯାଇଥିବା ଆଦେଶ ଚୂଡ଼ାନ୍ତ ହେବ ।

**ସମୟ ସୀମା ଅଧିନିୟମ, ୧୯୦୮ର ପ୍ରୟୋଗ ।**

୧୪ । ଭାରତୀୟ ସମୟ ସୀମା ଅଧିନିୟମ, ୧୯୦୮ର ଧାରା ୪, ୫, ୧୨ ଓ ୧୪ର ଉପବନ୍ଧଗୁଡ଼ିକ ଏହି ଅଧିନିୟମ ଅଧୀନରେ ଅପିଲ ଓ ରିଭିଜନ ନିମନ୍ତେ ଆବେଦନ ଦାଏର କରିବା ପ୍ରତି ପ୍ରଯୁଜ୍ୟ ହେବ । ୧୯୦୮ ର ୯

**ପ୍ରାଧିକାରୀମାନେ ସିଭିଲ ନ୍ୟାୟାଳୟର କେତେକ କ୍ଷମତା ପ୍ରୟୋଗ କରିବେ ।**

୧୫ । (୧) କଲେକ୍ଟର, ରାଜସ୍ୱ ବୋର୍ଡ଼ ଏବଂ ଧାରା ୧୨ ଓ ୧୩ ଅଧୀନରେ ବିନିର୍ଦ୍ଦିଷ୍ଟ ଅନ୍ୟ ପ୍ରାଧିକାରୀମାନଙ୍କର ଏହି ଅଧିନିୟମର ଉଦ୍ଦେଶ୍ୟ ନିମନ୍ତେ ସେହି କ୍ଷମତା ରହିବ ଯାହାକି ଏକ ବାଦର ବିଚାର କରିବା ସମୟରେ—

(କ) ସାକ୍ଷୀମାନଙ୍କୁ ତଲବ କରିବା ଓ ସେମାନଙ୍କର ଉପସ୍ଥିତି ବାଧ୍ୟ କରିବା ଏବଂ ସେମାନଙ୍କୁ ଶପଥପୂର୍ବକ ପରୀକ୍ଷା କରିବା ;

(ଖ) ଦସ୍ତାବେଜର ଆବିଷ୍କାର ଓ ପେଶ୍ ନିମନ୍ତେ ଆବଶ୍ୟକ କରିବା ;

(ଗ) ଶପଥପତ୍ର ପୂର୍ବକ ସାକ୍ଷ୍ୟ ଗ୍ରହଣ କରିବା ; ଏବଂ

(ଘ) ବିହିତ ହେବାମତେ ଅନ୍ୟ ବିଷୟ;

ସମ୍ପର୍କରେ ସିଭିଲ ପ୍ରକ୍ରିୟା ସଂହିତା, ୧୯୦୮ ଅଧୀନରେ ଏକ ନ୍ୟାୟାଳୟରେ ନିହିତ ହୋଇଛି । ୧୯୦୮ର ୫

(୨) ଏହି ଅଧିନିୟମ ଅଧୀନରେ ଉପରୋକ୍ତ ପ୍ରାଧିକାରୀମାନଙ୍କଠାରେ ସମସ୍ତ ଯାଞ୍ଚ ଓ କାର୍ଯ୍ୟବାହୀ ଭାରତୀୟ ଦଣ୍ଡ ସଂହିତାର ଧାରା ୧୯୩, ୨୧୯ ଓ ୨୨୮ର ଅର୍ଥାନ୍ତର୍ଗତ ନ୍ୟାୟିକ କାର୍ଯ୍ୟବାହୀ ବୋଲି ବିବେଚିତ ହେବ । ୧୯୬୦ର ୪୫

ନିୟମାବଳୀ ପ୍ରଣୟନ କ୍ଷମତା ।

୧୬ । (୧) ରାଜ୍ୟ ସରକାର, ଏହି ଅଧିନିୟମର ଉଦ୍ଦେଶ୍ୟଗୁଡ଼ିକ କାର୍ଯ୍ୟାନ୍ୱିତ କରିବାକୁ, ପୂର୍ବ ପ୍ରକାଶନ ପରେ, ନିୟମାବଳୀ ପ୍ରଣୟନ କରିପାରିବେ ।

(୨) ବିଶେଷତଃ ଏବଂ ପୂର୍ବୋକ୍ତ କ୍ଷମତାର ବ୍ୟାପକତା ଉପରେ ପ୍ରତିକୂଳ ପ୍ରଭାବ ନ ପକାଇ ସେହି ନିୟମାବଳୀ—

(କ) ଏହି ଅଧିନିୟମର କୌଣସି ଉପବନ୍ଧ ଅଧୀନରେ ଅଗ୍ରସର ହେବା ସମୟରେ କଲେକ୍ଟର, ରାଜସ୍ୱ ବୋର୍ଡ ଓ ଅନ୍ୟ ପ୍ରାଧିକାରୀଙ୍କ ଦ୍ୱାରା ଅନୁସୃତ ହେବା ପ୍ରକ୍ରିୟା ;

(ଖ) ସରକାରଙ୍କ ଅଧୀନରେ ଉପଯୁକ୍ତ ବୃତ୍ତିରେ ଗ୍ରାମପଦର ଧାରକମାନଙ୍କ ନିଯୁକ୍ତି ନିମିତ୍ତ ଯୋଗ୍ୟତା ଓ ଅନ୍ୟ ସର୍ତ୍ତ;

(ଗ) ସମସ୍ତ ଅନ୍ୟ ବିଷୟ ଯାହାକି ଏହି ଅଧିନିୟମର ଉପବନ୍ଧଗୁଡ଼ିକ ଅଧୀନରେ ବିହିତ ହେବାକୁ ଆବଶ୍ୟକ ଅଟେ ବା ହୋଇପାରେ, ସେହି ବିଷୟ ; ନିମିତ୍ତ ଉପବନ୍ଧିତ କରିପାରେ ।

(୩) ଏହି ଅଧିନିୟମ ଅଧୀନରେ ପ୍ରଣୀତ ସମସ୍ତ ନିୟମାବଳୀ, ପ୍ରଣୀତ ହେବାପରେ ଯେତେ ଶୀଘ୍ର ସମ୍ଭବ ରାଜ୍ୟ ବିଧାନମଣ୍ଡଳରେ ଚଉଦଦିନ କାଳାବଧି ନିମିତ୍ତ ଉପସ୍ଥାପିତ ହେବ ଯାହାକି ଏକ ବା ଅଧିକ ସତ୍ରରେ ସମାବିଷ୍ଟ ହୋଇପାରେ ଏବଂ ଉକ୍ତ କାଳାବଧି ମଧ୍ୟରେ ରାଜ୍ୟ ବିଧାନମଣ୍ଡଳ ତହିଁରେ ଯାହା ରୂପାନ୍ତରଣ କରିବ, ତାର ଅଧ୍ୟଧୀନ ହେବ ।

ସନ୍ଦେହ ଓ ଅସୁବିଧା ଅପସାରଣ କରିବାକୁ କ୍ଷମତା ।

୧୭ । ଯଦି ଏହି ଅଧିନିୟମର ଉପବନ୍ଧଗୁଡ଼ିକ ପ୍ରଭାବୀ କରିବାରେ କୌଣସି ସନ୍ଦେହ ବା ଅସୁବିଧା ଉଦ୍‌ଭୂତ ହୁଏ, ତାହାହେଲେ ରାଜ୍ୟ ସରକାର ସେହି ସନ୍ଦେହ ବା ଅସୁବିଧା ଅପସାରଣ ଉଦ୍ଦେଶ୍ୟରେ ତାଙ୍କୁ ଆବଶ୍ୟକ ପ୍ରତୀତ ହେବାମତେ, ଆଦେଶ ଦ୍ୱାରା, ଅବସର ଆବଶ୍ୟକ କରିବା ମତେ ଯେ କୌଣସି କାର୍ଯ୍ୟ କରିପାରିବେ ଯାହାକି ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀର ଉପବନ୍ଧଗୁଡ଼ିକର ଅସଙ୍ଗତ ନୁହେଁ ।

## ଅନୁସୂଚୀ

( ଧାରା ୧ ଏବଂ ୨ ଦେଖନ୍ତୁ )

| ପୂର୍ବତନ ଗଡ଼ଜାତର ନାମ | ଗ୍ରାମ ଅଧିକାରୀଙ୍କ ନାମ |
|---|---|
| ୧ | ୨ |
| ୧ । ଆଠମଲ୍ଲିକ .. | ସରବରାକାର |
| | ଡାଙ୍ଗୁଆ |
| | ଡାକୁଆ |
| ୨ । ବାମଡ଼ା .. | ଗଉନ୍ତିଆ |
| | ଖୁଣ୍ଟକାଟି ଗଉନ୍ତିଆ |
| | ସିକମ ଗଉନ୍ତିଆ |
| | ଗଉଣି ଗଉନ୍ତିଆ |

| ୧ | ୨ |
| --- | --- |
| ୩ । ବଡ଼ାମ୍ବା | ସରବରାକାର |
| ୪ । ବୌଦ | ସରବରାକାର |
| ୫ । ବଣାଇ | ଗଉନ୍ତିଆ |
| ୬ । ଦଶପଲ୍ଲା | ସରବରାକାର |
| | ସର୍ଦ୍ଦାର |
| | ଡାକୁଆ |
| | ଭଣ୍ଡାର |
| ୭ । ଢେଙ୍କାନାଳ | ସରବରାକାର |
| | ପ୍ରଧାନ |
| | ମକଦ୍ଦମ |
| ୮ । ଗାଙ୍ଗପୁର | ଗଉନ୍ତିଆ |
| | ସିକ୍କମ ଗଉନ୍ତିଆ |
| | ମୁଖ୍ୟ ଗଂଜୁ |
| | ଗଂଜୁ |
| | ଉପ ଗଂଜୁ |
| | ଖୁଣ୍ଟକାଟି ଗଂଜୁ |
| | ଠିକା ଗଂଜୁ |
| ୯ । ହିନ୍ଦୋଳ | ସରବରାକାର |
| | ନାଏକ |
| | ଗଡ଼ନାଏକ |
| | ମକଦ୍ଦମ |
| ୧୦ । କେଉଁଝର | ପଧାନ |
| | ପ୍ରଧାନ |
| | ଗଡ଼ନାଏକ |
| | ଡାକୁଆ |
| | ଦଳାଇ |
| | ପାଇକ |
| | ସର୍ଦ୍ଦାର |
| | ଡାଙ୍ଗୁଆ |
| ୧୧ । ଖଣ୍ଡପଡ଼ା | ସରବରାକାର |
| ୧୨ । ମୟୂରଭଞ୍ଜ | ପ୍ରଧାନ |
| | ଛଟିଆ |
| | ଡାକୁଆ |

| ୧ | | ୨ |
|---|---|---|
| ୧୩ । ନରସିଂହପୁର | .. | ସରବରାକାର |
| ୧୪ । ନୟାଗଡ଼ | .. | ସରବରାକାର |
| | | ମଲ୍ଲିକ |
| | | ପ୍ରଧାନ |
| | | ଡ଼ାକୁଆ |
| | | ଚଣ୍ଡକାର |
| ୧୫ । ପାଲଲହଡ଼ା | .. | ସରବରାକାର |
| | | ପ୍ରଧାନ |
| ୧୬ । ରେଢ଼ାଖୋଲ | .. | ଗଉନ୍ତିଆ |
| | | ପ୍ରଧାନ |
| | | ଗଡ଼ଉଆ |
| | | ଗିଜମ ଗଉନ୍ତିଆ |
| | | ଗଉଣି ଗଉନ୍ତିଆ |
| ୧୭ । ସୋନପୁର | .. | ଗଉନ୍ତିଆ |
| | | ପଟ୍ଟିଦାର |
| | | ଉପପଟ୍ଟିଦାର |
| | | ଗଡ଼ଉଆ |
| ୧୮ । ତାଳଚେର | .. | ସରବରାକାର |
| | | ମକଦ୍ଦମ |
| | | ଗଡ଼ନାଏକ |
| | | ବେଗ ପ୍ରଧାନ |
| ୧୯ । ତିଗିରିଆ | .. | ସରବରାକାର |
| | | ଅସୁଲ ମେହେରବ |

OGP—MP-IX (Law) 27—1,000—7-2-1978

PRINTED AT ORISSA GOVERNMENT PRESS, CUTTACK-10